# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**19 November – 2025**

## ପିଏମ୍‌-କିଷାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି  ତାମିଲନାଡୁର କୋଏମ୍ବାଟୁରଠାରେ ପିଏମ୍ କିଷାନ ସମ୍ମାନନିଧି ଯୋଜନାର ୨୧ତମ କିସ୍ତି ପ୍ରଦାନ କରିବେ।  ୯ କୋଟିରୁ ଅଧିକ କୃଷକଙ୍କ ବ୍ୟାଙ୍କ ଖାତାକୁ ୧୮ ହଜାର କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯିବ ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।  ଭୁବନେଶ୍ୱର କୃଷି ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ ।  ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ କେନ୍ଦ୍ର ଭାରିଶିଳ୍ପ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଯୋଗଦେବେ ।

ଯୋଜନାରେ ବାର୍ଷିକ ଯୋଗ୍ୟ କୃଷକ ପରିବାରଙ୍କୁ ୬ ହଜାର ଟଙ୍କା ଲେଖାଏଁ ଦିଆଯାଉଛି। ରାଜ୍ୟର  ୩୪ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଯୋଜନାରେ ୭ଶହ କୋଟି ଟଙ୍କା ହସ୍ତାନ୍ତର କରାଯିବ ।

## ବିଧାନସଭା ପରିଦର୍ଶନ

ରାଜ୍ୟବାସୀଙ୍କୁ ସୁଶାସନ ଉପଲବ୍ଧ କରାଇବା ପାଇଁ ସ୍ୱତନ୍ତ୍ର ବିଧିବ୍ୟବସ୍ଥା ଆବଶ୍ୟକ । ଏହି ବିଧିକୁ ପ୍ରସ୍ତୁତ ଏବଂ ସଂଶୋଧନ

କରିବାରେ ବିଧାନସଭାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି । ନୂଆଦିଲ୍ଲୀସ୍ଥିତ ଲୋକସଭା ସଚିବାଳୟର **ଗଣତନ୍ତ୍ର ପାଇଁ ସଂସଦୀୟ ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ସଂସ୍ଥା** ପକ୍ଷରୁ ୧୨ଟି ଦେଶର ୪୦ଜଣ ବିଦେଶୀ ପ୍ରତିନିଧି ଗତକାଲି ଓଡ଼ିଶା ବିଧାନସଭା ବୁଲି ଦେଖିଥିଲେ । ଏହି ଅବସରରେ ବାଚସ୍ପତି କହିଛନ୍ତି ।

**V/O**

କାର୍ଯ୍ୟକ୍ରମରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ ଓଡ଼ିଶା ବିଧାନସଭାର କାର୍ଯ୍ୟ ପ୍ରଣାଳୀ ସଂପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ ।

---

# ସମ୍ମିଳନୀ

ପ୍ରଶାସନିକ ଅଧିକାରୀମାନେ ସମ୍ମିଳିତ ଭାବରେ ରାଜ୍ୟର ପ୍ରଗତି ପାଇଁ କାର୍ଯ୍ୟ କଲେ ଓଡ଼ିଶାର ଅଭିବୃଦ୍ଧି ଅଧିକ ତ୍ୱରାନ୍ୱିତ ହେବ ବୋଲି ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି । ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ସମ୍ମିଳନୀର ପ୍ରଥମ ଦିନର ତୃତୀୟ ଅଧିବେଶନରେ ଅଧ୍ୟକ୍ଷତା କରି ଶ୍ରୀ ସ୍ୱାଇଁ କହିଛନ୍ତି, ପ୍ରକଳ୍ପ ଅନୁମୋଦନର ସରଳୀକୃତ ପଦ୍ଧତି ଯୋଗୁଁ ନିବେଶ ଲାଗି ଓଡ଼ିଶାକୁ ସମସ୍ତେ ପ୍ରାଥମିକତା ଦେଉଛନ୍ତି । ଅଧିବେଶନରେ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି, ବ୍ୟବସାୟ ସୁବିଧା, ଶିଳ୍ପ ଇକୋସିଷ୍ଟମ୍‌ରେ ପରିବର୍ତ୍ତନ ସଂପର୍କରେ ଆଲୋଚନା କରାଯାଇଥିଲା ।

---

# ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଗସ୍ତ

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ  କନ୍ଧମାଳ ଜିଲ୍ଲା ଗସ୍ତରେ ଯାଇ ଉରୁମାଗଡ଼ ଜଳପ୍ରପାତ ବୁଲି ଦେଖିଥିଲେ । ଏହି ଅବସରରେ  କନ୍ଧମାଳ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ତଥା ଜଳପ୍ରପାତ ଗୁଡ଼ିକର ବିକାଶ ନିମନ୍ତେ ସରକାର ଅନେକ ଉନ୍ନତିମୂଳକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି ମନ୍ତ୍ରୀ କହିଥିଲେ ।

# ସମବାୟ ସପ୍ତାହ

ଭୁବନେଶ୍ୱର ଜୟଦେବ ଭବନଠାରେ ଆଜି ୭୨ତମ ନିଖିଳ ଭାରତ ସମବାୟ ସପ୍ତାହର ରାଜ୍ୟସ୍ତରୀୟ ଉତ୍ସବ ପାଳନ କରାଯିବ । ଏଥିରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

# ଅଲିଭ୍ ରିଡ୍‌ଲେ

ପୁରୀ ଜିଲ୍ଲା ଅସ୍ତରଙ୍ଗ ଦେବୀନଦୀ ମୁହାଣରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥିପାଇଁ ସମୁଦ୍ରକୂଳରେ ପୋଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

ଗଞ୍ଜାମ ଜିଲ୍ଲା ରୁଷିକୂଲ୍ୟା ମୁହାଣରେ ମଧ୍ୟ ଅଲିଭ୍ ରିଡ୍‌ଲେ୍‌ଙ୍କ ଆଗମନ ଆରମ୍ଭ ହୋଇଛି । ଗତକାଲି କଇଁଛଙ୍କ ସୁରକ୍ଷା ନେଇ ସ୍ଥାନୀୟ ବନବିଭାଗ ପକ୍ଷରୁ ରୁଷିକୂଲ୍ୟା ନଦୀରୁ ପ୍ରୟାଗୀ ପର୍ଯ୍ୟନ୍ତ ପାଟ୍ରୋଲିଂ କରାଯାଇଥିଲା ।

ବନବିଭାଗ ପକ୍ଷରୁ ଗତ ୧ତାରିଖରୁ ଆସନ୍ତା ମଇମାସ ପର୍ଯ୍ୟନ୍ତ ରୁଷିକୂଲ୍ୟା ମୁହାଣରେ ମାଛଧରା କଟକଣା ଜାରି କରାଯାଇଛି ।

## ସଚେତନ ଶିବିର

ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ଅନ୍ତର୍ଗତ ବାଦପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଗତକାଲି ଆଇନସେବା ପ୍ରାଧିକରଣ ପକ୍ଷରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଧ୍ୟତାମୂଳକ ଶିକ୍ଷା, ମୌଳିକ ଅଧିକାର, ମହିଳା ଏବଂ ଶିଶୁ ସୁରକ୍ଷା ଆଇନ ଆଦି ସଂପର୍କରେ ଆଲୋଚନା କରାଯାଇଥିଲା ।

## ପଦଯାତ୍ରା

ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକ ଉପଲକ୍ଷେ ବାଲେଶ୍ୱର ଜିଲ୍ଲା ଭୋଗରାଇଠାରେ ଏକତା ପଦଯାତ୍ରା ଆୟୋଜିତ ହୋଇଯାଇଛି । ଚନ୍ଦନେଶ୍ୱରଠାରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ ।

## ଶୌଚାଳୟ ଦିବସ

ଉନ୍ନତ ସ୍ୱାସ୍ଥ୍ୟ ଓ ସୁସ୍ଥ ସମାଜ ପାଇଁ ଶୌଚାଳୟର ଆବଶ୍ୟକତା ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ଶୌଚାଳୟ ଦିବସ ପାଳନ କରାଯାଉଛି । ଜନସାଧାରଣଙ୍କ ମଧ୍ୟରେ ପରିମଳ ସଂକଟର ମୁକାବିଲା, ସମସ୍ତଙ୍କୁ ଶୌଚାଳୟ ଉପଲବ୍ଧ କରାଇବା ଲାଗି ୨୦୦୧ ମସିହାରୁ ଏହି

ଦିବସ ପାଳନ କରାଯାଉଛି । ଚଳିତବର୍ଷ **ପରିବର୍ତ୍ତନଶୀଳ ବିଶ୍ୱରେ ପରିମଳ- ସବୁବେଳେ ଶୌଚାଳୟର ରହିବ ଆବଶ୍ୟକତା** ର ବାର୍ତ୍ତା ନେଇ ବିଶ୍ୱ ଶୌଚାଳୟ ଦିବସ ପାଳନ କରାଯାଉଛି ।

## ରଣଜୀ

ଭୁବନେଶ୍ୱର କିଟ୍ ଷ୍ଟାଡିୟମ୍‌ରେ ଓଡ଼ିଶା ଓ ନାଗାଲ୍ୟାଣ୍ଡ ମଧ୍ୟରେ ଚାଲିଥିବା ରଣ୍‌ଜୀ ଟ୍ରଫି ଏଲିଟ୍ ଗ୍ରୁପ୍-ଏ କ୍ରିକେଟ୍ ମ୍ୟାଚ୍‌ରେ ଦ୍ୱିତୀୟ ଇନିଂସରେ ଓଡ଼ିଶା ୫ ୱିକେଟ୍ ହରାଇ ୩୫୦ ରନ୍ ସଂଗ୍ରହ କରିବା ସହ ପାଳି ଘୋଷଣା କରିଛି । ପ୍ରଥମ ଇନିଂସରେ ଓଡ଼ିଶା ୧୧୪ ରନ୍‌ର ଅଗ୍ରଣୀ ହାସଲ କରିଥିଲା । ଏହା ପରେ ନାଗାଲ୍ୟାଣ୍ଡ ସମ୍ମୁଖରେ ଓଡ଼ିଶା ପକ୍ଷରୁ ୪୬୫ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି  । ଏହାର ଉତ୍ତରରେ ନାଗାଲ୍ୟାଣ୍ଡ ତୃତୀୟ ଦିନ ସୁଦ୍ଧା ଗୋଟିଏ ୱିକେଟ୍ ହରାଇ ୪୧ ରନ୍ ସଂଗ୍ରହ କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

## ପାଣିପାଗ

ରାଜ୍ୟରେ ଶୀତ ଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୩ ଦିନ ମଧ୍ୟରେ ରାତିର ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଗତକାଲି ୨୨ଟି ସ୍ଥାନର ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସ ତଳେ ରହିଥିଲା । କନ୍ଧମାଳର ଜି.ଉଦୟଗିରିଠାରେ ସର୍ବନିମ୍ନ ତାପମାତ୍ରା ୫ ଦଶମିକ ୬ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା ।